## ପବିତ୍ର ଚଡ଼କ ପର୍ବର ଚତୁର୍ଥ ଅର୍ଘ୍ୟ ସମ୍ପନ୍ନ

# ଜନସମୁଦ୍ର ପାଲଟିଛି ଚନ୍ଦନେଶ୍ୱର ଶୈବପୀଠ

ଚନ୍ଦନେଶ୍ୱର, ୧୦।୪ (ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ହୁଗୁଳି ପଞ୍ଚାୟତର ଜଳଯନ୍ତ୍ର ଭାବେ ପୂଜିତ ପୂର୍ବ ଭାରତର ପ୍ରସିଦ୍ଧ ଆଶୁତୋଷ ବାବା ଚନ୍ଦନେଶ୍ୱର ମହାଦେବଙ୍କ ପବିତ୍ର ଚଡକ ପର୍ବର ଚତୁର୍ଥ ଅର୍ଘ୍ୟରେ ଆଜି ଚନ୍ଦନେଶ୍ୱର ଶୈବପୀଠ ଜନ ସମୁଦ୍ର ପାଲଟିଛି। ଏହି ପବିତ୍ର ଚଡକ ପର୍ବର ମୁଖ୍ୟ ଆକର୍ଷଣ ଭାବେ ଆସନ୍ତା ରବିବାର ଶିବକାମିନୀ ବିବାହ ଓ ମହାନ ନୀଳପର୍ବ ଏବଂ ସୋମବାର ପାଟପର୍ବ ଅନୁଷ୍ଠିତ ହେବ। ଚନ୍ଦନେଶ୍ୱର ଚଡକ ପର୍ବର ଆଜି ହେଉଛି ଚତୁର୍ଥ ଅର୍ଘ୍ୟ। ଏହି ଚଡକ ମେଳାକୁ ଉପଭୋଗ କରିବା ପାଇଁ ଓଡ଼ିଶା ସମେତ ପଡୋଶୀ ପଶ୍ଚିମବଙ୍ଗ, ଝାଡଖଣ୍ଡ ଓ ବିହାର ଆଦି ରାଜ୍ୟରୁ ଲକ୍ଷାଧିକ ଶୈବ ଭକ୍ତ ଏହି ପୀଠରେ ଆସି ପହଞ୍ଚିଛନ୍ତି। ଏହି ମେଳାରେ ୭୦ ପ୍ରତିଶତରୁ ଅଧିକ ଭକ୍ତ ଶ୍ରଦ୍ଧାଳୁ ପଶ୍ଚିମବଙ୍ଗରୁ ଆସୁଥିବାବେଳେ ସେମାନଙ୍କ ଯାତାୟାତ ପାଇଁ ପଶ୍ଚିମବଙ୍ଗର ପ୍ରଶାସନ ବ୍ୟାପକ ବ୍ୟବସ୍ଥା କରିଛି। ଆଜି ଚତୁର୍ଥ ଅର୍ଘ୍ୟ ଦିବସରେ ପ୍ରାତଃକାଳରୁ ଜଳଯନ୍ତ୍ର ଆଶୁତୋଷ ବାବା ଭୋଲାଶଙ୍କରଙ୍କ ଠାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା, ଗର୍ଭଗୃହରେ ଜଳାଭିଷେକ, ଭକ୍ତି ନୈବେଦ୍ୟ ଅର୍ପଣ ସହ ପଣ୍ଡା ଓ ସେବାୟତଙ୍କ ଶିବସ୍ତୁତି ମନ୍ତ୍ର ଉଚ୍ଚାରଣ ଏବଂ ଭକ୍ତ ଶ୍ରଦ୍ଧାଳୁମାନଙ୍କ ହରିବୋଲ ଧ୍ୱନି ସମଗ୍ର ପରିବେଶକୁ ଅଧ୍ୟାତ୍ମିକ ଶିବମୟ ଭାବନାରେ ମୁଖରିତ କରିଛି। ବହୁ ମହିଳା ଓ ପୁରୁଷ ମନସ୍କାମନା ପୂର୍ଣ୍ଣ ପାଇଁ ମହାଦେବଙ୍କଠାରେ ଅଧିଆ ପଡ଼ିଥିବା ଦେଖାଯାଇଛି। ଦୈନନ୍ଦିନ ସେବାକାର୍ଯ୍ୟ ପରେ ସନ୍ଧ୍ୟାରେ ପାଟଭକ୍ତ ହରିଶ୍ଚନ୍ଦ୍ର ସାହୁ, ଶ୍ରୀବେକଡି ନିରଞ୍ଜନ ଲେଙ୍କା, ଦେଉଳିଆ ଅଜିତ କୁମାର ପାତ୍ରଙ୍କ ସମେତ ୧୩ ଜଣ ସ୍ଥାୟୀ ଉପବିତଧାରୀ ଭକ୍ତ ଓ ହଜାର ହଜାର ଉପବିତଧାରୀ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା କରିଥିଲେ। ଏହାପରେ ଭଟ୍ଟପୁର ଗ୍ରାମର ମାଳାକାର ଗଣେଶ ପଣ୍ଡିତଙ୍କ ଘର ବାଡ଼ିରେ ଦୁର୍ଗାଦେବୀଙ୍କ ମନ୍ଦିରରେ ପହଞ୍ଚି ସେଠାରେ କୌଳିକ ନୀତିକାନ୍ତି ଓ ସେବାପୂଜା ପରେ ରାକ୍ଷସ କୂଳରେ ଜନ୍ମିତ ଅସୁରୁଣୀ କନ୍ୟା ସୁନ୍ଦରୀ କାମିନୀଙ୍କୁ ବିବାହର ସ୍ୱୀକୃତି ପ୍ରଦାନ କରାଯାଇଥିଲା। ପରେ ପାରମ୍ପରିକ ବାଦ୍ୟ, ଢୋଲ, ମୃଦଙ୍ଗ, ଶଙ୍ଖନାଦର ତାଳେ ତାଳେ ନୃତ୍ୟ ଓ ଗୀତରେ ଭକ୍ତମାନେ ଝୁମି ଉଠିଥିଲେ ଏବଂ 'ହର ହର ମହାଦେବ' ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ମନ୍ଦିରରେ ଚଡକ ନୀତିକାନ୍ତି, ସେବାପୂଜା ଓ ପରିକ୍ରମା ସମାପନ ପରେ ପାଟଭକ୍ତ ହରିଶ୍ଚନ୍ଦ୍ର ସାହୁ ଓ ଶ୍ରୀବେକଡି ନିରଞ୍ଜନ ଲେଙ୍କା ଉପବିତଧାରୀମାନଙ୍କ ଉପରେ ଚତୁର୍ଥ ଅର୍ଘ୍ୟ ପାଣି ସିଞ୍ଚନ କରିଥିଲେ। ଆସନ୍ତା ରବିବାର ଶିବକାମିନୀ ବିବାହ ଓ ନୀଳପର୍ବରେ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହେବାକୁ ଥିବାବେଳେ ସୋମବାର ମହାନ ପାଟପର୍ବରେ ୨ ଲକ୍ଷରୁ ଅଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ଆକଳନ କରାଯାଇଛି। ଆଜି ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ସ୍ଥିତି ଅନୁଧ୍ୟାନ କରିବା ସହିତ ଚଡକ ପର୍ବକୁ ସୁଚାରୁ ରୂପେ ସମ୍ପାଦନ କରିବାକୁ ସମସ୍ତଙ୍କୁ ନିବେଦନ କରିଥିଲେ। ଏହି ଜନସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଏବଂ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ନିଆଯାଇଛି। ବିଜୁ ପଟ୍ଟନାୟକ ଗୋଲେଇ ଠାରୁ ଓ ପୋଷ୍ଟ ଅଫିସ ଛକ ଠାରୁ ମନ୍ଦିର ପର୍ଯ୍ୟନ୍ତ ବ୍ୟାରିକେଡ୍ ନିର୍ମାଣ କରାଯାଇଛି। ଅପରାହ୍ନ ୪ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଜଳେଶ୍ୱର ଚନ୍ଦନେଶ୍ୱର ୫୭ନଂ ରାଜ୍ୟ ରାଜପଥର ଜଗନ୍ନାଥପୁର ଛକ ଠାରୁ ବାଡ଼ସରିସା ଲକ୍ଷ୍ମୀନାରାୟଣ ମନ୍ଦିର ପର୍ଯ୍ୟନ୍ତ ଭାରୀଯାନ ନିଷିଦ୍ଧ କରାଯାଇଛି। ଦୁଇଚକିଆ ଓ ଭାରୀଯାନ ଚଳାଚଳ ନିୟନ୍ତ୍ରଣ ପାଇଁ ଜଗନ୍ନାଥପୁର ଓ ଲକ୍ଷ୍ମୀନାରାୟଣ ମନ୍ଦିର ଠାରେ ପୋଲିସ ବ୍ୟାରିକେଡ୍ କରାଯାଇଛି। ମନ୍ଦିର ମୁଖ୍ୟ ଫାଟକ ନିକଟରେ ପୁଲିସ କଣ୍ଟ୍ରୋଲ ରୁମ୍ ଓ ସ୍ୱାସ୍ଥ୍ୟ ବିଭାଗର ଅସ୍ଥାୟୀ ଶିବିର ଖୋଲାଯାଇଛି। ଏହି ଚଡକ ପର୍ବକୁ ସୁଚାରୁ ରୂପେ ସମ୍ପନ୍ନ କରିବା ପାଇଁ ୨୧ ପ୍ଲାଟୁନ ଫୋର୍ସ ସହିତ ୫ ଜଣ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ୭ ଡିଏସପି, ୨୧ ଇନ୍ସପେକ୍ଟର, ୮୪ ସବ୍-ଇନ୍ସପେକ୍ଟର ଓ ଏଏସଆଇ, ୬ ଟ୍ରାଫିକ କନେଷ୍ଟବଳ, ୧୦୧ ଓଏପିଏଫ, ୧୨ ୱାର୍କ କନେଷ୍ଟବଳ ଓ ୨୦୯ ହୋମଗାର୍ଡ ମୁତୟନ ରହିଛନ୍ତି। ଜିଲ୍ଲା ପ୍ରଶାସନ, ଭୋଗରାଇ ପ୍ରଶାସନ, ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ସେବାୟତମାନେ ସଚେତନ ଓ ସଜାଗ ରହିଛନ୍ତି। ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବଜ୍ୟୋତି ଦାଶ, ଏସଡିପିଓ ସୁବ୍ରତ କୁମାର ବେହେରା, ଟ୍ରଷ୍ଟବୋର୍ଡ ନିର୍ବାହୀ ଅଧିକାରୀ ତଥା ଭୋଗରାଇ ତହସିଲଦାର ସୂର୍ଯ୍ୟକୁମାର ନାୟକ, ଅତିରିକ୍ତ ତହସିଲଦାର ପ୍ରଜ୍ଞା ପରିମିତା, ସୁପରଭାଇଜର ପ୍ରଦୀପ କୁମାର ଭଞ୍ଜ, ତାଳସାରୀ ସାମୁଦ୍ରିକ ଥାନା ଅଧିକାରୀ ଶ୍ରବଣ ମହାରଣା, ମୋରସୀ ତପନ ପଣ୍ଡା, ଉପମୋରସୀ ବୁଦ୍ଧଦେବ ପଣ୍ଡା, ପଞ୍ଚାୟତ ସଦସ୍ୟ ଗୋବିନ୍ଦ ଦାସ, ସମାଜସେବୀ ଦିଲ୍ଲୀପ କାମିଲା ପ୍ରମୁଖ ଉପସ୍ଥିତ ଥିଲେ।

**ସ୍ଥିତି ଅନୁଧ୍ୟାନ କଲେ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର**

## ଗୋକର୍ଣ୍ଣେଶ୍ୱର ପୀଠର ଉନ୍ନତୀକରଣ ସମୀକ୍ଷା



ଧର୍ମଶାଳା,୧୦।୪(ସମିସ): ଧର୍ମଶାଳା ବ୍ଲକ ଭାଲୁଖାଇ ନିକଟସ୍ଥ ଗୋକର୍ଣ୍ଣେଶ୍ୱର ଶୈବପୀଠର ଉନ୍ନତୀକରଣ ପାଇଁ ବିଧାୟକ ହିମାଂଶୁ ଶେଖର ସାହୁ ସମୀକ୍ଷା କରିଛନ୍ତି। ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର, ଅନ୍ୟ କର୍ମଚାରୀ ଓ ସମର୍ଥକଙ୍କ ଗହଣରେ ସେଠାରେ ପହଞ୍ଚି ମନ୍ଦିରର ସ୍ଥିତି ବୁଲି ଦେଖିଥିଲେ। ଏଥିସହ ମନ୍ଦିରର ଉନ୍ନତୀକରଣ ପାଇଁ ସେଠାରେ ଏକ ପାର୍କ, ରୋଷଘର, ମଣ୍ଡପ, ଲୋକମାନଙ୍କ ରହଣି ପାଇଁ ସେଡ୍ ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରିବା ସହିତ ଏଥିଲାଗି ଆବଶ୍ୟକ ଅର୍ଥ ମଞ୍ଜୁର କରିବାକୁ ବିଧାୟକ ଶ୍ରୀ ସାହୁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ଏହି ସମିକ୍ଷାରେ ବିଧାୟକ ଶ୍ରୀ ସାହୁଙ୍କ ସମର୍ଥକ ରାଜେଶ ପାଳ, ବିଜେପି ଆରୁହା ଜୋନର ସଭାପତି ଜିତେନ୍ଦ୍ର ରାଉତ, ଦେବରାଜ ମିଶ୍ର, ଅଭିଷେକ ରାଉତ, ତୁଷାର ରାୟ, ସବ୍ୟସାଚୀ ସୁନ୍ଦରରାୟ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହିଥିଲେ।

## ମଣ୍ଡଳ ସ୍ତରୀୟ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର



ଖନ୍ତାପଡ଼ା,୧୦।୪ (ସମିସ): ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଅନ୍ତର୍ଗତ ଖନ୍ତାପଡ଼ା ପଞ୍ଚାୟତ ସ୍ଥିତ ମା' ଦାଣ୍ଡକାଳି ମଣ୍ଡଳ ସ୍ତରୀୟ ପ୍ରଶିକ୍ଷଣ ବର୍ଗର ଆଜି ଉଦଘାଟନ ଦିବସ ପାଳିତ ହୋଇଯାଇଛି। ଖନ୍ତାପଡ଼ା ଶାରଦା ବିହାର ସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ମଣ୍ଡଳ ସଭାପତି ଦିଲ୍ଲୀପ କୁମାର ଦାସଙ୍କ ସଭାପତିତ୍ୱ ରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା, ଏଥିରେ ମୁଖ୍ୟ ଅତିଥି ରୂପେ ବିଜେପି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ରୂପେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଷମା ରାଣୀ ବିଶ୍ୱାଳ, ଉପ ସଭାପତି ବିଜୟ କୁମାର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡା, ସାଂସଦଙ୍କ ପ୍ରତିନିଧି ତଥା ବରିଷ୍ଠ କାର୍ଯ୍ୟକର୍ତ୍ତା ବୈରାଗୀ ଚରଣ ବେହେରା, ଖନ୍ତାପ?। ସରପଞ୍ଚ ଯଶୋମତି ମହାଲିକ, ପଣପଣା ସମିତି ସଭ୍ୟା ହିମାନି ମହାପାତ୍ର, କସବା ଜୟପୁର ସରପଞ୍ଚ ବିଦ୍ୟାଧର ରାଉତ, ସମିତି ସଭ୍ୟ କନ୍ଦୁନାଥ ମଳିକ ପ୍ରମୁଖ ଏହି ଶିବିର ରେ ଅଂଶ ଗ୍ରହଣ କରି ଉଦଘାଟନ କରିଥିଲେ। ମଞ୍ଚ ପରିଚାଳନା ସଞ୍ଜୀବ କୁମାର ଦାସ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭ ରେ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ପାଞ୍ଚୋଟି ପଞ୍ଚାୟତ ରୁ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ।

## ବିରଜା ନର୍ସିଂ କଲେଜରେ ସ୍ୱାସ୍ଥ୍ୟ ଦିବସ



ଯାଜପୁର,୧୦।୪(ସମିସ): ସ୍ଥାନୀୟ ମହାବିର ନଗର ସ୍ଥିତ ବିରଜା ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ ପରିସରରେ ବିଶ୍ୱ ସ୍ୱାସ୍ଥ୍ୟଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀ ବିଭିନ୍ନ ମଡେଲ ପ୍ରଦର୍ଶିତ କରିବା ସହିତ ରଙ୍ଗୋଲିର ଆୟୋଜନ କରାଯାଇଥିଲା। କେଉଁ ପ୍ରକାର ଖାଦ୍ୟ କେଉଁ ବର୍ଗର ଲୋକେ ଖାଇବେ ସେ ସଂପର୍କରେ ସୂଚନା ଦିଆଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଡିଏସଏସଓ ଜାନକୀ ହେମ୍ବ୍ରମ, କଲେଜର ନିର୍ଦ୍ଦେଶିକା ମୋନାଲିସା ଦାସ, ନିର୍ଦ୍ଦେଶକ ପରେଶ ମଲ୍ଲିକ ଏବଂ ଅଧକ୍ଷା ରଶ୍ମିରେଖା ବେହେରା ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

## ଚନ୍ଦନେଶ୍ୱର ଚଡ଼କ ମେଳାରେ ଗଣ୍ଡଗୋଳ, ଉପବିତଧାରୀ ରକ୍ତାକ୍ତ

ଚନ୍ଦନେଶ୍ୱର, ୧୦।୪ (ସମିସ): ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱର ପୀଠରେ ଚାଲିଥିବା ଚଡକ ଯାତ୍ରା ସମୟରେ ଚତୁର୍ଥ ଅର୍ଘ୍ୟ ଅବସରରେ ଅଘଟଣ ଘଟିଛି। ଭକ୍ତମାନଙ୍କ ମଧ୍ୟରେ ଠେଲାପେଲାକୁ ନେଇ ହୋଇଥିବା ଗଣ୍ଡଗୋଳରେ ଜଣେ ଉପବିତଧାରୀ ଗୁରୁତର ଆହତ ହୋଇ ରକ୍ତାକ୍ତ ହୋଇପଡ଼ିଛନ୍ତି। ରାତି ପ୍ରାୟ ୮ଟା ସମୟରେ ଅର୍ଘ୍ୟ ଦାନ ପାଇଁ ମନ୍ଦିର ପରିସରରେ ଭକ୍ତମାନଙ୍କର ଭିଡ଼ ବେଶି ବଢ଼ିଯାଇଥିଲା। ଏହି ସମୟରେ ଲାଇନରେ ଠିଆ ହେବାକୁ ନେଇ କିଛି ଉପବିତଧାରୀଙ୍କ ମଧ୍ୟରେ ବାଦବିବାଦ ଆରମ୍ଭ ହୋଇଥିଲା। ପରେ ଏହା ଗଣ୍ଡଗୋଳର ରୂପ ନେଇଥିବାରୁ ପରିସ୍ଥିତି ଅନିୟନ୍ତ୍ରିତ ହୋଇଯାଇଥିଲା। ଏହି ଗଣ୍ଡଗୋଳରେ ଭୋଗରାଇ ଥାନା ଅଞ୍ଚଳର ଦେଉଳା ଗ୍ରାମର ଜଣେ ଉପବିତଧାରୀଙ୍କ ମୁଣ୍ଡ ଫାଟିଯାଇଥିଲା। ସେ ଘଟଣାସ୍ଥଳରେ ରକ୍ତାକ୍ତ ଅବସ୍ଥା ହୋଇଥିବାବେଳେ ପୁଲିସ ତୁରନ୍ତ ପହଞ୍ଚି ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଅସ୍ଥାୟୀ ଚିକିତ୍ସା ଶିବିରରେ ଭର୍ତ୍ତି କରିଥିଲେ। ତାଙ୍କର ଚିକିତ୍ସା ଚାଲିଥିବା ଜଣାପଡ଼ିଛି। ଉଲ୍ଲେଖନୀୟ ଯେ, ମେଳା ସୁରକ୍ଷା ପାଇଁ ୨୨ ପ୍ଲାଟୁନ ପୁଲିସ ବ୍ୟବସ୍ଥା ରହିଥିଲେ ସତ୍ତ୍ୱେ ଏପରି ଘଟଣା ଘଟିବା ପ୍ରଶ୍ନ ଉଠାଇଛି। ଭିଡ଼ ନିୟନ୍ତ୍ରଣରେ କେଉଁଠି ତ୍ରୁଟି ରହିଲା, ତାହା ନେଇ ଚର୍ଚ୍ଚା ଚାଲିଛି। ଘଟଣା ପରେ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।

## ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ

ଦୋବଲ,୧୦।୪(ସମିସ): ଧାମନଗର ବ୍ଲକ ଦେହୁଡି ଆନନ୍ଦପୁର ପଞ୍ଚାୟତ ଜଗନ୍ନାଥ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ସଭା ଆଜି ଅପରାହ୍ନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସତ୍ୟଜିତ୍ ସାହୁ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଅଧ୍ୟାପକ ଡ ବୈରାଗଞ୍ଜନ ଦାଶ, ମୁଖ୍ୟବକ୍ତା ଏବିଇଓ ସତ୍ୟସୁନ୍ଦର ପରିଡ଼ା, ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାଶ, ଅଧ୍ୟାପକ ହିମାଂଶୁଶେଖର ଦାଶ, ଖଡ଼ିପଦା ସିଆରସିସି ଦେବବ୍ରତ ନାୟକ, ସ୍ଥାନୀୟ ସରସ୍ୱତୀ ଆଶ୍ରମର ମହାରାଜ ସ୍ୱାମୀ ଶଦ୍ଧାନନ୍ଦ, ପୂର୍ବତନ ସରପଞ୍ଚ ବିଜୟ ଦାସ, ଶରତ ମାଝୀ, ଏସ୍ଏମ୍ସି ସଭାପତି ଶ୍ରୀକାନ୍ତ ମିଶ୍ର, ସିଆର୍ସିସି ଅଶ୍ୱିନୀ ଜେନା ପ୍ରମୁଖ ଯୋଗଦେଇ ଆମେ ଭଲ ପାଠ ପଢ଼ି ଭଲ ଚାକିରି କରିବା ନୁହେଁ, ଶିକ୍ଷା ଥିଲେ ଭବିଷ୍ୟତରେ ଆମକୁ ଜଣେ ସଂସ୍କାରୀ ମଣିଷ ହେବାର ବାଟ ଦେଖାଇଥାଏ ବୋଲି ଅତିଥିମାନେ ବକ୍ତବ୍ୟ ରଖିବା ସହ ପ୍ରତ୍ୟେକ ଛାତ୍ରୀ ଛାତ୍ର ଭଲ ପାଠ ପଢ଼ି ଜୀବନରେ ଜଣେ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଅଜିତ୍ କୁମାର ରଣା ମଞ୍ଚ ଆହ୍ୱାନ କରିଥିବାବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ମଦନ ମୋହନ ପାଣିଗ୍ରାହୀ, ବାର୍ଷିକ ବିବରଣୀ ପାଠ କରିଥିଲେ ରେଣୁକା ସାହୁ। ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ଦାସ, ଶିକ୍ଷକ ଚିନ୍ମୟ ଚନ୍ଦନ ରାଉତ, ସୁଦୀପ୍ତା ସାମଲ, ରକ୍ଷାକର ତରେଇ, ସତ୍ୟଭାମା ବାରିକ, ଯତୀନ୍ଦ୍ର ନନ୍ଦ, ପବିତ୍ର ମୋହନ ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଧନ୍ୟବାଦ ପ୍ରଦାନ କରିଥିଲେ ଶିକ୍ଷକ ଶଶିଭୂଷଣ ପରିଡ଼ା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



## ଧର୍ମଶାଳାରେ ଝାଡ଼ାବାନ୍ତି ଆତଙ୍କ

# ସ୍ଥିତି ପରଖିଲେ ସିଡିଏମ୍ଓ



କବାଟବନ୍ଧ/ଧର୍ମଶାଳା,୧୦।୪(ସମିସ)

ଧର୍ମଶାଳା ବ୍ଲକ ଅଞ୍ଜିରା ପଞ୍ଚାୟତ ବାଉଁଶଡୋଳ ଗ୍ରାମରେ ଝାଡ଼ାବାନ୍ତି ରୋଗରେ ଗୋଟିଏ ପରିବାରର ୬ ଜଣ ଆକ୍ରାନ୍ତ ହୋଇ ଧର୍ମଶାଳା ଗୋ୍ଷୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଗତକାଲି ଜଣେ ଯୁବକର ମୃତ୍ୟୁ ହୋଇଯାଇଛି। ଏନେଇ ଆଜି ଯାଜପୁର ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ମିଶ୍ର ଉକ୍ତ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଝାଡ଼ାବାନ୍ତି ରୋଗ ଜଣାପଡିବା ପରେ ସମଗ୍ର ଧର୍ମଶାଳା ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଗତ ବର୍ଷ ଏହି ସମୟରେ ଧର୍ମଶାଳାରେ ଝାଡ଼ାବାନ୍ତି ରୋଗରେ ଅନେକ ପୀଡ଼ିତ ହୋଇ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ନମୁନା ପରୀକ୍ଷା ପରେ କଲେରା ବ୍ୟାପିଥିବା ଜଣାପଡିବା ପରେ ପ୍ରଶାସନ ପକ୍ଷରୁ ହୋଟେଲ ଓ ଅନ୍ୟ ଖାଇବା ଦୋକାନକୁ ବନ୍ଦ କରାଯାଇଥିଲା। ଏପରିକି ଗତବର୍ଷ ଏହି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଅନେକଙ୍କ ଜୀବନ ଯାଇଥିଲା। ଏହି ଖବର ସେତେବେଳେ ରାଜ୍ୟବ୍ୟାପୀ ଶିରୋନାମା ହୋଇଥିବା ବେଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏକ ଟିମ୍ ବାରମ୍ବାର ମେଡିକାଲ ଗସ୍ତ କରି ପରିସ୍ଥିତି ବୁଝିଥିଲେ। ଝାଡାବାନ୍ତି ବ୍ୟାପୁଥିବା ଅଞ୍ଚଳ ଗୁଡିକରେ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ଆକ୍ରାନ୍ତ ଗ୍ରାମରେ ଥିବା ଜଳ ଉତ୍ସ ଗୁଡିକୁ ବିଶୋଧନ କରାଯାଇ ପରିସ୍ଥିତି ଆୟତ ହୋଇଥିଲା। ଚଳିତ ବର୍ଷ ପୁଣି ଝାଡାବାନ୍ତି ରୋଗ ବ୍ୟାପିବାରୁ ଲୋକମାନେ ଆତଙ୍କିତ ହୋଇପଡିଛନ୍ତି। ତେବେ ନିର୍ଦ୍ଦିଷ୍ଟ ଭାବେ ଗୋଟିଏ ପରିବାର ଭିତରେ ଏହା ସୀମିତ ରହିଥିବାରୁ ଲୋକେ ଆଶ୍ୱସ୍ତି ହୋଇଛନ୍ତି। ଝାଡ଼ାବାନ୍ତି ଖବର ପାଇ ଆଜି ଯାଜପୁର ସିଡିଏମଓ ଶ୍ରୀ ମିଶ୍ର ବାଉଁଶଡୋଳ ଗ୍ରାମକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିରେ ଭୟଭୀତ ନ ହୋଇ ସତର୍କ ରହିବାକୁ ଗ୍ରାମବାସୀଙ୍କୁ ସେ ପରାମର୍ଶ ଦେଇଛନ୍ତି। ସେଠାରେ ଥିବା ସମସ୍ତ ଜଳ ଉତ୍ସକୁ ବିଶୋଧନ କରିବା ସହିତ ନଳକୂପ ଓ କୂପ ଗୁଡିକୁ ବ୍ଲିଚିଂ କରାଯାଇଛି। ଏଥିସହ ଅଙ୍ଗନୱାଡି ଓ ଆଶାମାନଙ୍କୁ ଘରକୁ ଘର ବୁଲି ସଚେତନ କରିବା ସହିତ ହାଲୋଜିନ ବଟିକା ପ୍ରଦାନ କରାଯାଇଛି। ତେବେ ବାଉଁଶଡୋଳ ଗ୍ରାମରେ ଝାଡାବାନ୍ତି ରୋଗରେ ଜଣକର ମୃତ୍ୟୁ ହୋଇଥିବା ବେଳେ ମୃତ୍ୟୁର ପ୍ରକୃତ କାରଣ ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁକିଛି ସ୍ପଷ୍ଟ ହେବ। ଏବେବି ଧର୍ମଶାଳା ଡାକ୍ତରଖାନାରେ ୫ ଜଣ ଝାଡ଼ାବାନ୍ତି ରୋଗୀ ରହି ଚିକିତ୍ସିତ ହେଉଥିବା ବେଳେ ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ରହିଛି ବୋଲି ସିଡିଏମଓ ଶ୍ରୀ ମିଶ୍ର ସୂଚନା ଦେଇ କହିଛନ୍ତି।

## ମାର୍ବଲ ଦୋକାନୀଙ୍କୁ ହତ୍ୟା ଧମକ

ମଙ୍ଗଳପୁର, ୧୦।୪(ସମିସ): ମଙ୍ଗଳପୁର ବଜାରରେ ଥିବା ନାୟକ ମାର୍ବଲ ଏଣ୍ଡ ଟାଇଲ୍ସ ଦୋକାନରେ ଅକ୍ଷୟ ଦାସ ନାମକ ଜଣେ ବ୍ୟକ୍ତି କର୍ମଚାରୀ ଭାବରେ କାର୍ଯ୍ୟ କରନ୍ତି। ଉକ୍ତ ଦୋକାନରୁ ଖାନନଗର ପଞ୍ଚାୟତ ଦୁବକଣ ଗ୍ରାମର ବିଜେପି ନେତା ସୋମନାଥ ନାୟକଙ୍କ ପିତା ନିରଞ୍ଜନ ନାୟକ ପ୍ରାୟ ଏକମାସ ପୂର୍ବରୁ କିଛି ଟାଇଲ ନାଏକ ମାର୍ବଲରୁ କିଣିଥିଲେ। ମାର୍ବଲ କିଣିବାର ଏକମାସ ପରେ ଟାଇଲ ପେଟି ଗୁଡ଼ିକରୁ ଦୁଇ ପେଟି ଭାଙ୍ଗିଯାଇଛି ବୋଲି ସୋମନାଥଙ୍କ ବାପା ମଙ୍ଗଳପୁର ଥାନାରେ ଅଭିଯୋଗ କରିବା ସହିତ ଉକ୍ତ ଦୋକାନ ମାଲିକଙ୍କୁ ଖୋଜିଥିଲେ। ଦୋକାନ ମାଲିକ ସୁଜିତ କୁମାର ନାୟକ ଦୋକାନରେ ନଥିବା ବେଳେ ଗତ ୬ ତାରିଖ ସୋମବାର ମଧ୍ୟାହ୍ନ ୧୨.୪୫ମିନିଟ୍ ସମୟରେ ନିରଞ୍ଜନ ନାୟକ ଆସି ଅକ୍ଷୟ ଦାସଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ମାଲିକ ସୁଜିତ ନାୟକଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ଅକ୍ଷୟ ଭୟଭୀତ ହୋଇ ଆଜି ନିରଞ୍ଜନ ନାୟକଙ୍କ ବିରୋଧରେ ମଙ୍ଗଳପୁର ଥାନାରେ ଏତଲା ଦେବା ସହିତ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ତ ହୋଇଛନ୍ତି।

● ଖଣି ବିଭାଗର ଚଢ଼ଉ

## ୨ ଟ୍ରାକ୍ଟର ସହ ମେସିନ୍ ଓ ୪୦୭ ଜବତ

ପାଣିକୋଇଲି,୧୦।୪(ସମିସ): ପାଣିକୋଇଲି ଅଞ୍ଚଳରେ ମାଟି ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ରାଜସ୍ୱ ବିଭାଗ ନିକଟରେ ଅଭିଯୋଗ ହେଲେ ଖଣି ବିଭାଗର କାମ କହି ଚୁପ ହୋଇ ବସିରହୁଛି। ଖଣି ବିଭାଗ କାର୍ଯ୍ୟାଳୟ ଯାଜପୁରରେ ଥିବାରୁ ଅଭିଯୋଗ କରିବା କଷ୍ଟକର ହେଉଛି। ପୁଲିସ ମଧ୍ୟ ଚଢ଼ଉ ନକରି ନୀରବ ଦ୍ରଷ୍ଟା ସାଜିଛି। ରାତିଅଧିଆ ମାଟି ଚୋରି ନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇଆସୁଛି। ସରକାରୀ ଜମି, ବେସରକାରୀ ଜମି, ନାଳ, ଅନାବାଦୀ, ଗୋଚର, ପତିତ ସବୁଠି ମାଟି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଛି। ପ୍ରତିଦିନ ବିଭିନ୍ନ ସ୍ଥାନ ପରିବର୍ତ୍ତନ କରି ମାଟି ଚୋରି ହେଉଛି। ମାଟି ଚୋରି ଏମିତି ବୃଦ୍ଧି ପାଇଛି ରାତି ବଦଳରେ ଦିନ ଦ୍ୱିପ୍ରହରେ ମଧ୍ୟ ଚୋରା ଚାଲାଣ ଚାଲିଛି। ଖଣି ବିଭାଗ ପକ୍ଷରୁ ମୂଳାପାଳ ପଞ୍ଚାୟତର ମାଦଳା ଠାରେ ଓ ଲିଙ୍ଗେଶ୍ୱର ଘାଟ ନିକଟରୁ ମାଟି ଲୁଟ ହେଉଥିବା ବେଳେ ଚଢ଼ଉ କରାଯାଇ ୨ଟ୍ରାକ୍ଟର, ଗୋଟିଏ ୪୦୭ ଓ ଜେସିବି ମେସିନ ଜବତ କରାଯାଇଛି। ଏହାକୁ ଖଣି ବିଭାଗ ପାଣିକୋଇଲି ପୁଲିସ ଜିମା ଦେଇଛି।

## ଦେଶୀ ମଦ ଜବତ; ୨ ଗିରଫ

ଦାନଗଦି,୧୦।୪(ସମିସ): ଗୁରୁବାର ବିଳମ୍ବିତ ରାତିରେ ଅବକାରୀ ସ୍କ୍ୱାଡ ହାତରେ ଧରାପଡ଼ିଛି ବିପୁଳ ପରିମାଣର ଚୋରା ଦେଶୀ ମଦ, ଘଟଣାରେ ଅବକାରୀ ପୁଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ମୁତାବକ କଳିଙ୍ଗନଗର ଥାନା ବିଆର୍ପିଏଲ୍ ଛକ ନିକଟରେ ଏକ ପିକ୍ଅପ ଗାଡ଼ିରେ ଦେଶୀ ମଦ ଲୋଡ୍ ହୋଇ ବିକ୍ରି ପାଇଁ ଆସୁଥିବାର କୌଣସି ମତେ ଖବର ପାଇଥିଲେ ଡୋଲିପୁର ଅବକାରୀ ବିଭାଗ ସ୍କ୍ୱାଡ୍। ଅଚାନକ ସେଠାରେ ଚଢ଼ଉ କରି ପ୍ରାୟ ୧୮୦୦ ଲିଟର ଚୋରା ଦେଶୀ ମଦକୁ ଜବତ କରିଥିଲେ। ଏକ ପିକଅପ୍ ଭ୍ୟାନ୍ (ନଂ.ଓଡି ୦୪ଡି ୧୫୩୬)ରେ ଏହି ମଦ ବିକ୍ରି ପାଇଁ ଆସିଥିଲା। ଗାଡିରେ ଏହି ମଦ ସବୁ ଢେଙ୍କାନାଳ କାମାକ୍ଷାନଗର ଅଞ୍ଚଳରୁ ଦାନଗଦି ଅଞ୍ଚଳକୁ ଚୋରାଚାଲାଣ ହେଉଥିବା ଆଗୁଆ ସୂଚନା ମିଳିଥିଲା। ପୂର୍ବ ଯୋଜନା ମୁତାବକ ବିଆର୍ପିଏଲ୍ ଛକରେ ଅବକାରୀ ସ୍କ୍ୱାଡ ଆଗରୁ ଜଗିରହିଥିଲେ। ଅତର୍କିତ ଚଢ଼ଉ କରି ସଫଳତା ହାସଲ କରିଛି ଅବକାରୀ ବିଭାଗ। ଗିରଫ ଅଭିଯୁକ୍ତ ଦୁଇ ଯୁବକ ହେଲେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ଝାରପାଳ ସାହିର କେଦାର ମୁଣ୍ଡା (୩୦) ଓ ମୁଣ୍ଡିଆ ଗୁରୁଡ଼ି ଗ୍ରାମର ତ୍ରିବନ ଲାଗୁରି (୨୪) ବୋଲି ଜଣାପଡ଼ିଛି। ଆଜି ଅପରାହ୍ନରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ଶୁଣିବାକୁ ମିଳୁଛି କି ଚୋରା ମଦ ବେପାରୀକୁ ପୁଲିସ ଗିରଫ ନ କରି ନୀରିହ ଦୁଇ ଜଣ ଆଦିବାସୀ ଗିରଫ କରିଛି।

## ଦୁର୍ଘଟଣାରେ ବସ୍ କଣ୍ଡକ୍ଟରଙ୍କ ମୃତ୍ୟୁ

ବିଞ୍ଝାରପୁର,୧୦।୪(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାରରୁ ଦୈନିକ ଭୁବନେଶ୍ୱର ଯାତାୟାତ କରୁଥିବା ଘରୋଇ ବସ୍ ନିରୁପମାର କଣ୍ଡକ୍ଟର ଜ୍ୟୋତିରଞ୍ଜନ ପତି (୪୦)ଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଗତକାଲି ସେ ସିଂହପୁରରୁ ଭୁବନେଶ୍ୱର ଯାଇ ବସ୍କୁ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ପରେ ରାତ୍ରୀଭୋଜନ ପାଇଁ ଯାଉଥିବା ବେଳେ ଏକ ଅଜଣା ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ଜ୍ୟୋତିଙ୍କ ଘର ଢେଙ୍କାନାଳ ଜିଲ୍ଲାର ପିଙ୍ଗୁଆ ଅଞ୍ଚଳରେ। ସେ ଦୀର୍ଘ ୧୨ ବର୍ଷରୁ ଅଧିକ ସମୟ ଧରି ସିଂହପୁରରେ ରହି କଣ୍ଡକ୍ଟର ଭାବେ କାମ କରୁଥିଲେ। ତାଙ୍କ ଅକାଳ ବିୟୋଗରେ ସିଂହପୁର ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ପଡ଼ିଛି। ସିଂହପୁର ଘରୋଇ ବସ୍ ଆସୋସିଏସନ ସଭାପତି ନିରଞ୍ଜନ ବେହୁରିଆ ଓ ଯାଜପୁର ଘରୋଇ ବସ୍ ଆସୋସିଏସନ ସମ୍ପାଦକ କର୍ଣ୍ଣାଟ କେଶରୀ ଦାସଙ୍କ ସହିତ ବହୁ ବସ୍ ମାଲିକ ଓ କର୍ମଚାରୀମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି।

## 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ

ବାଲିଆପାଳ, ୧୦।୪ (ସମିସ): ବାଲିଆପାଳ ବ୍ଲକ ପରିସରରେ ପୁସ୍ତକ ବିକ୍ରୟ ପାଇଁ "ଆସ ବହିଟିଏ କିଣିବା ଅଭିଯାନର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହାର ସୁଯୋଗ ନେଇଥିଲେ ବାଲିଆପାଳ ବ୍ଲକର ଶତାଧିକ ପାଠ ପାଠିକା ମାନେ ସର୍ବପ୍ରଥେମ ବ୍ଲକର ବିଡିଓ ରାଧାରଞ୍ଜନ ଦାସ ଆନୁଷ୍ଠାନିକ ଭାବେ 'ମୁଁ ବହି ଟିଏ କିଣିଲି' କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ବିପିଏମ ଉତମ କୁମାର ସାହୁ ଏବଂ ସାଗର ପଟ୍ଟନାୟକ ସଂଯୋଜନା କରିଥିଲେ।

## ମାଡପିଟି ଘଟଣାରେ ୩ ଗିରଫ

କୟାଁଗୋଲା, ୧୦।୪ (ସମିସ): ଦଶରଥପୁର ବ୍ଲକ ଅହିୟାସ ଅଞ୍ଚଳରେ ଗତକାଲି ରାତିରେ ଏକ କବାଲି କାର୍ଯ୍ୟକ୍ରମକୁ ଦେଖିବା ପାଇଁ ବିଞ୍ଝାରପୁର ଓ ଦଶରଥପୁର ବ୍ଲକର ଅନେକ ଯୁବକ ରୁଣ୍ଡ ହୋଇଥିବା ବେଳେ ଅଳକୁଣ୍ଡ ଥାନା ଅଞ୍ଚଳର କିଛି ଯୁବକ ମଧ୍ୟ ଏହି କାର୍ଯ୍ୟକ୍ରମ ଦେଖିବାକୁ ଆସିଥିଲେ। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉପସ୍ଥିତ ଯୁବକମାନଙ୍କ ମଧ୍ୟରେ ବାକବିତଣ୍ଡା ହୋଇଥିଲା। ଏହି ଘଟଣାରେ ଭଦ୍ରକ ଅଞ୍ଚଳର ଜଣେ ଯୁବକକୁ ଆକ୍ରମଣ ହୋଇ ଥିବା ଜଣାପଡିଛି। ଏହି ମାଡ଼ପିଟିରେ ଦଶରଥପୁର ଥାନାର ପୁଲିସଙ୍କ ଗାଡ଼ି କାଚକୁ ଯୁବକ ମାନେ ବାଡେଇ ଭାଙ୍ଗି ଦେଇଥିଲେ। କାଲିରାତିରେ ମଙ୍ଗଳପୁର ଏସଆଇ ଅନିତା ପ୍ରଧାନ, ଏଏସଆଇ ଘନଶ୍ୟାମ ନାୟକ ବିଭିନ୍ନ ଜାଗାରେ ଚଢ଼ଉ କରି ଅହିୟାସ ଅଞ୍ଚଳରୁ ୩ ଜଣ ଏସ୍କେ ଇରଫାନ, ଏସ୍କେ ସୁଲେମାନ, ଅଜହର ନିଶାରଙ୍କୁ ଗିରଫ କରିବା ସହ ୯୧/୨୬ରେ ମାମଲା ରୁଜୁ କରି ଅଦାଲତ ଚାଲାଣ କରାଯାଇଛି। ଏନେଇ ମଙ୍ଗଳପୁର ପୁଲିସ ତଦନ୍ତ ଜରି ରଖିଛି ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

